# ଟେକ୍‌ନୋ ଭିଜନ ଉନ୍ମୋଚିତ



ବ୍ରହ୍ମପୁର , ୧୨/୧୧(ଇମିସ): ସ୍ଥାନୀୟ ଉମା ଚରଣ ପଟ୍ଟନାୟକ ଇଂଜିନିୟରିଂ ବିଦ୍ୟାଳୟର ମୁଖପତ୍ର 'ଟେକନୋ ଭିଜନ୍' ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଟେକନିକାଲ ଏଜୁକେସନ ଓ ଟ୍ରେନିଂ, ଓଡିଶା, ର ନିର୍ଦ୍ଦେଶକ ଆର୍.ଏନ. ଦାସ ଯୋଗଦେଇଥିଲେ । ଏହି ଅବସରରେ ସଂପ୍ରସାରିତ ମହିଳା ହଷ୍ଟେଲ ଓ ୱେବ ସାଇଟ ଅଟୋ କ୍ୟାଡ ଟ୍ରେନିଂ ପ୍ରୋଗ୍ରାମ ଉଦଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ଷ୍ଟେଟ କାଉନସିଲ ସମ୍ପାଦକ ଏ.କେ. ପାଣିଗ୍ରାହୀ ଓ ଯୁଗ୍ମ ନିର୍ଦ୍ଦେଶକ ଆକାଡେମିକମ୍ ଆର୍.ସି. ରଥ ଯୋଗଦେଇ ଇଂଜିନିୟରିଂ ଶିକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଏଲ୍.କେ.ମହାପାତ୍ର ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ କର୍ମଚାରୀ ଉପସ୍ଥିତ ଥିଲେ । ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ସତ୍ୟରଞ୍ଜନ ରାଜ, ଶରତ କୁମାର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ଜେନା, ରମେଶ ଚନ୍ଦ୍ର ସାହୁ, ଶ୍ରୀକାନ୍ତ ସାହୁ, ଦୀପକ ଚୌଧୁରୀ, ବସନ୍ତ କୁମାର ଗନ୍ତାୟତ, ଏସ୍.ଏସ୍. ସାହୁ ପ୍ରମୁଖ ଟେକନୋ ଭିଜନ ପତ୍ରିକାର ସମ୍ପାଦନା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ବିକାଶ ଓ ସମସ୍ୟାଗୁଡିକ ସମ୍ପର୍କରେ ଆଲୋଚନା କରାଯାଇଥିଲା ।